ମନଲାଖି ଗୀତ ଓ ଗପ

ସ୍ନେହଲତା ମହାନ୍ତି

Digitized by srujanika@gmail.com

ମନଲାଖି ଗୀତ ଓ ଗପ

ଲେଖିକା :
ସ୍ନେହଲତା ମହାନ୍ତ, କଟକ

ପ୍ରକାଶକ :
ହସଖୁସି କାର୍ଯ୍ୟାଳୟ
ବୁଢମାଚୌକ, କଟକ-୨

Digitized by srujanika@gmail.com

ମନଲାଖି ଗୀତ ଓ ଗପ

(ପିଲଙ୍କ ପାଇଁ ଗୀତ ଓ ଗପ)

ଲେଖିକା :

ଶ୍ରୀମତୀ ସ୍ନେହଲତା ମହାନ୍ତି

ପ୍ରକାଶକ :

ହସଖୁସି କାର୍ଯ୍ୟାଳୟ

କଟକ-୨

ପ୍ରଥମ ପ୍ରକାଶ—୧୯୮୯

ମୁଦ୍ରଣ :

ଗୁରୁପ୍ରସନ୍ନ ପ୍ରେସ

ଝୋଲସାହି, କଟକ-୧

ମୂଲ୍ୟ : **ଛଅ ଟଙ୍କା**

MANALAKHI GITA-O-GAPA

(Rhymes & Stories)

By

Smt. Snehalata Mohanty

Cuttack

1st Published—1989

Published by

HASAKHUSI KARYALAYA

Chandnichauk

Cuttack-2

Price : Rs 6-00

Digitized by srujanika@gmail.com

ସୂଚୀ

୧ । ଚପଳର ଚୂଳ, ରଙ୍ଗ	...	୧-୫
୨ । ଏତକ ଆଶିଷ ଦିଅ		୬-୭
୩ । ପାଇଲେ ପାନେ		୮-୯
୪ । ନଷ୍ଟ ବଡ଼ି		୧୦-୧୧
୫ । ବିଲୁଆ ବସ୍ତର	...	୧୨-୧୬
୬ । ସେ ଏକା ମହତ		୧୭-୧୮
୭ । କାମର ଦାମ୍		୧୯-୨୦
୮ । ଗଲାଦିନ ଆଉ ଫେରିବ ନାହିଁ		୨୧-୨୨
୯ । ମନର ବଳ		୨୩-୨୫
୧୦ । ରଜ		୨୬-୨୭
୧୧ । ବିନାଶ କାଳେ ବିପରୀତ ବୁଦ୍ଧି		୨୮-୩୧
୧୨ । ରମେଶ	...	୩୨-୩୫
୧୩ । ସାର୍ କହିଥିଲେ	...	୩୬-୪୦
୧୪ । କରିବି ନାହିଁ ମୁଁ ବଡ଼ାଇ		୪୧-୪୨
୧୫ । ବାଘର ଶୀକାର		୪୩-୪୪

Digitized by srujanika@gmail.com

ତପନର ତୂଳି, ରଙ୍ଗ

ଚତୁର୍ଥ ଶ୍ରେଣୀର ଛାତ୍ର ତପନକୁ ଜମାରୁ ଦଶବର୍ଷ । ପାଠ ପଢ଼ାରେ ତା'ର ଯେମିତି ମନ ଛବି କରିବାରେ ମଧ୍ୟ ସେମିତି ଧ୍ୟାନ ।

Digitized by srujanika@gmail.com

ମାଆ ଥରେ ଭାରି ବିରକ୍ତ ହେଲେ । କହିଲେ "ତିନି ତିନି ଜଣ ପିଲା ତମେ ପାଠ ପଢ଼ିବ । ସେ ଦୁଇଜଣଙ୍କ ଅପେକ୍ଷା ତୋ'ର କାଗଜ ପେନ୍‌ସିଲ୍ ବେଶି ଦରକାର । ଖାଲି ଗୁଡ଼ାଏ ଏଣୁ ତେଣୁ ଗାରେଇ ଚିତ୍ର ଆଙ୍କି କାହିଁକି ସେଗୁଡ଼ା ସାରୁଚୁ କହିଲୁ ? ସେତିକି ସମୟ ପାଠ ପଢ଼ନ୍ତୁ ଆହୁରି ଭଲ କରନ୍ତୁ ।"

ତପନ ବୁଝିପାରେ ମାଆ ସତ କଥା କହୁଚନ୍ତି । ଭାଇ, ଭଉଣୀ ତିନି ଜଣଙ୍କ ପାଇଁ ପାଠ ପଢ଼ାରେ ବାପା ଅନେକ ପଇସା ଖର୍ଚ୍ଚ କରନ୍ତି । ହେଲେ ମାଆଙ୍କ କହିବା ଅନୁସାରେ ସେ ତ କାଗଜ ନଷ୍ଟ କରୁନାହିଁ, ଭଲ ଭଲ ଚିତ୍ର ଆଙ୍କୁଚି । ଚିତ୍ର ଆଙ୍କିବା ମଧ୍ୟ ଗୋଟିଏ ପାଠ । ସେଇଥି ପାଇଁ ତ ସ୍କୁଲରେ ଡ୍ରଇଂ ସାର୍‌ ଅଛନ୍ତି ଏବଂ ଡ୍ରଇଂ କ୍ଲାସ ମଧ୍ୟ ହେଉଛି । ମାଆ ଏଇ କଥାଟିକୁ ବୁଝିନପାରି ବିରକ୍ତ ହେଉଛନ୍ତି ।

ସେ ଦିନ ଜେଜେ ମଧ୍ୟ ବିରକ୍ତ ହୋଇ କହିଲେ "ବାଇରେ ସବୁ ପିଲା ତ ଡିଆଁ ମାରି, ହସି, ନାଚି ସେ ପଡ଼ିଆରେ ଖେଳୁଚନ୍ତି । ଆଉ ତୁ ମୁହଁଟି ଭାରି ତୁନି ହୋଇ ପୋଖରୀ କୂଳଟାରେ ଠିଆ ହୋଇ କୁଆଡ଼େ ଅନେଇଚୁ ? ଯାଉନୁ ତାଙ୍କ ସହିତ ଖେଳିବୁ ?"

ତପନ କହିଲା "ଦେଖନ୍ତୁ ଜେଜେ ସୂର୍ଯ୍ୟ ଅସ୍ତ ହେଇ ଯାଉଚନ୍ତି; ତାଙ୍କର ନାଲି କିରଣ କେମିତି ଗଛ ପତରରେ ଲୁଚକାଳି ଖେଳୁଚି ? ହେଇ ଦେଖିଲ ପୋଖରୀ ଭିତରେ କି ସୁନ୍ଦର ହଂସ ସବୁ ଖେଳୁଚନ୍ତି !"

—"ଖେଳୁଚନ୍ତି ତ, କଣ ହେଲା ସେଇଠୁ ? ତୋର ସେଥିରେ କଣ ଲାଭ ଶୁଣେ ? ଏମିତି ଅନେଇ ଅନେଇ ବୋକା ପାଲଟି ଯିବୁ ନାଁ। କଣ ?"

ତପନ କହିଲା "ନାଇଁ ମ ଜେଜେ, ମୁଁ ଭାବୁଚି ଘରକୁ ଯାଇ ଗୋଟିଏ ସୁନ୍ଦର ଚିତ୍ର ଆଙ୍କିବି ।"

Digitized by srujanika@gmail.com

—"ଆଉ ଆଉ ସେ ଚିତ୍ର ଫିତ୍ରରେ ମନ ଦେବ ନାଁ । । ବରଂ ସେଇ ସମସ୍ତ ଖର୍ଚ୍ଚ କରି ଭଲ ପାଠ ପଢ଼ ।"

ତପନ ଭାବନ୍ତି ତା'ର ଚିତ୍ର ଆଙ୍କିବାରେ ସମସ୍ତେ ବିରକ୍ତ ହେଉଛନ୍ତି କାହିଁକି ? ସେ ଚିତ୍ର ଆଙ୍କୁଚି ବୋଲି ତ ପଢ଼ାରେ ହେଳା କରୁନାହିଁ ? ପଢ଼ାକାମ ସାରି ଯେତେବେଳେ ଖାଲି ସମୟ ପାଉଚି ସେତିକି ବେଳେ ସେ ଚିତ୍ର ଆଙ୍କୁଚି । ସେଦିନ ଡ୍ରଇଂ ସାର୍ ତା'କୁ କହିଲେ "ତପନ, ବଡ଼ ଦିନକୁ ତୁମେ ଖୁବ୍ ଭଲ ଚିତ୍ର ଆଙ୍କି ପାରିବ । ଶ୍ରେଣୀରେ ଏତେ ପିଲା, ହେଲେ ତୁମ ଭଳି ଚିତ୍ର କେହି ଜଣେ ହେଲେ ଆଙ୍କି ପାରୁ ନାହାନ୍ତି । ତୁମେ ଚେଷ୍ଟାକର—ଚିତ୍ର ଆଙ୍କିବା କିଛି କମ୍ କଥା ନୁହେ । ସେଇ ଚିତ୍ର ଆଙ୍କି ଲୋକେ ବି ପୃଥିବୀ ବିଖ୍ୟାତ ହେଉଛନ୍ତି ।"

ତପନର ବେଳେ ବେଳେ ମନେହୁଏ ଯେମିତି ସେଇ କଥା କେଇପଦ ଝିପ୍ ଝିପ୍ ବର୍ଷା ପରି ଝରିଯାଇ ତା ମନର-ମାଟି ଉପରେ ସୁନ୍ଦର ସୁନ୍ଦର ଗଛ, ଲତା, ଫୁଲ, ଫଳର ଶୋଭା ଭରି ଦେଉଚି । ତା' ପରେ ସବୁ କାମ ଛାଡ଼ିଦେଇ ବସିପଡ଼େ ଚିତ୍ର ଆଙ୍କିବାକୁ ।

ଏଥର ଦଶହରାକୁ ଦାଦା ତା'କୁ ଦଶଟଙ୍କା ଯାତ୍ରାଖର୍ଚ୍ଚ ଦେଇ-ଥିଲେ । ସେ ସେଥିରେ ରଙ୍ଗ ଆଉ ତୁଳି କିଣି ଆଣିଛି । ତା'ର ସେତିକି ଅଭାବ ଥିଲା ।

ଗତ ବର୍ଷର ପୁରୁଣା ରଫ୍ ଖାତାଟି ଥିଲା—ସେଇ ଖାତାରେ ସେ କେବଳ ପେନ୍‌ସିଲ୍‌ରେ ଲେଖିଥିଲା ।

ଏବେ ସକାଳୁ ସମସ୍ତେ ଉଠିବାର ଘଣ୍ଟାଏ ଆଗରୁ ସେ ଉଠେ । ରଫ୍‌ଖାତାର ପେନ୍‌ସିଲ୍ ଲେଖାକୁ ରବର ସାହାଯ୍ୟରେ ଲିଭେଇ ଦିଏ । ତା'ରି ଉପରେ ରଙ୍ଗ ତୁଳି ସାହାଯ୍ୟରେ ସୁନ୍ଦର ସୁନ୍ଦର ଚିତ୍ର

Digitized by srujanika@gmail.com

କରେ । ଏ କଥା କେହି ଜାଣି ପାରନ୍ତି ନାହିଁ । ଅନ୍ୟମାନେ ଦେଖିବା ବେଳକୁ ତପନ ସକାଳୁ ସକାଳୁ ବସି ଅଙ୍କ କରୁଥାଏ ।

ଜେଜେ କହନ୍ତି "ସାବାସ୍ ତପନ ! ଏମ୍‌ତି ଭୋର୍ ସମୟରେ ପାଠ ପଢ଼ିଲେ ସବୁ ପାଠ ମନେରହେ । ଦେଖୁନୁ ମିନୁ ଆଉ କୁନୁ କେମିତି ଗଧଙ୍କ ଭଳି ଶୋଇଛନ୍ତି ? ତୁ ଆମର ସୁନାପିଲା ।"

ଦିନେ ଖବର କାଗଜରେ ପ୍ରକାଶ ପାଇଲା ଯେ ତପନ ଚିତ୍ର ପ୍ରତିଯୋଗିତାରେ ପ୍ରଥମ ହୋଇ ଦୁଇଶହ ଟଙ୍କା ପୁରସ୍କାର ପାଇବାକୁ ବିବେଚିତ ହୋଇଛି ।

Digitized by srujanika@gmail.com

ସେଦିନ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଜେଜେ ତାକୁ ଆନନ୍ଦରେ କୁଣ୍ଢେଇ ପକେଇ କହିଥିଲେ "ଆରେ ତପନ ଆମେ ତୋତେ ଭୁଲ୍ ବୁଝିଥିଲୁ । ଏଥର ମୋ ପେନସନ୍ ଟଙ୍କାରୁ ମୁଁ ଆଗେ ତୋ ପାଇଁ ରଙ୍ଗ, ତୂଳି ଆଉ କାଗଜ କିଣି ଆଣିବି । ଏଣିକି ତୁ ଭଲ ପାଠ ପଢ଼ିବା ସଙ୍ଗେ ସଙ୍ଗେ ଭଲ ଚିତ୍ର ମଧ୍ୟ କରିବୁ ।"

ତପନ ହସି ହସି ଜେଜେଙ୍କ ପାଦଧୂଳି ନେଇ ମଥାରେ ମାରିଥିଲା ।

Digitized by srujanika@gmail.com

ଏତିକି ଆଶିଷ ଦିଅ

ନ ଦେଖିଥିଲେ ବି ତୁମ କଥା ପଢ଼ି ଶୁଣି
ବାପୁଜୀ ହେ ତୁମ ଗୁଣକୁ ହେଉଛୁ ଗୁଣି ।

ତମେ ବି ତ ଦିନେ ଆମପରି ଥିଲ ପିଲା
ପିଲା ମନେ ସତେ ଏତେ କଥା ପୂଣି ଥିଲା !

ସତ କହିବାକୁ ପାଉଥିଲ ଭାରି ଭଲ
ସେଥିପାଇଁ ଟିକେ କାହାକୁ ନଥିଲା ଡର ।

ନଥିଲା ଅଳସ, ବିଳାସ, ଛଟକ ଛଇ
ଲେଖାରେ ପଢ଼ାରେ ଦିନ ଯାଉଥିଲା ବହି ।

Digitized by srujanika@gmail.com

ସେବା ଉପକାର ଜୀବନର ବ୍ରତ କରି
ସବୁରି ଜୀବନେ ସୁଖ ଦେଉଥିଲ ଭରି ।

ଲୋକେ କହୁଥିଲେ ଅଜାତ, ଅଛୁଆଁ ଯା'ଙ୍କୁ
ସବୁଠାରୁ ତୁମେ ଭଲ ପାଉଥିଲ ତା'ଙ୍କୁ ।

ଗୁରୁ, ଗୁରୁଜନ ଚରଣେ ନୁଆଁଇ ମଥା
ମାନି ନେଉଥିଲ ତାଙ୍କ ଉପଦେଶ କଥା ।

ସେଇ ପିଲା ତୁମେ ଯବେ ଯେତେ ବଡ଼ ହେଲ
ଆମ ଦେଶବାସୀ ସଭିଙ୍କି ଚେତାଇ ଦେଲ—
"ଫିରିଙ୍ଗି ଆମର ସାଥିରେ ସାଧୁଛି ଦାଉ
ହଟାଅ ତାହାକୁ ଆମ ଦେଶରୁ ସେ ଯାଉ" ।

ତୁମ ଡାକରାରେ ସଭିଏଁ ଉଠିଲେ ମାତି
ଗୁଳି କମାଣକୁ ପତାଇ ଦେଲେ ବି ଛାତି ।

ଶେଷକୁ ତୁମରି ସପନ ହୋଇଲା ସତ
ସବୁରି ମୁହଁରେ ଖେଳିଲା ଅଲିଭା ହସ ।

ତୁମେ ସିନା ନାହିଁ, ତୁମ କଥା ରହିଅଛି
ଆମେ ସବୁ ତାହା ପଢ଼ୁଛୁ, ଶୁଣୁଛୁ ବସି ।

ଏତିକି ଆଶିଷ ଦିଅ ସରଗରେ ଥାଇ
ତୁମ କଥା ଆମେ କଦାପି ଭୁଲିବୁ ନାହିଁ ।

ଭଲ ପାଇବୁ ଏ ଦେଶକୁ ତୁମରି ପରି
ଆଗେଇ ଚାଲିବୁ ତୁମ ପଥ ଅନୁସରି ।

Digitized by srujanika@gmail.com

ପାଇଲେ ପାନେ

ଭାଲୁଆ' ଗାଲୁଆ ଦୁଇଟି ମିତ
ବାହାରିଲେ ଦେଖି ମକର ଯାତ
'ଯାତ'ଟା ସେଠାରୁ କହୁଛ.ବାଟ
ଗାଲୁଆ କହିଲା ଟିକେଟ୍ କାଟ
ଯିବାରେ ମଟର ଚଢ଼ି
ଶୁଣୁ ଶୁଣୁ ତାହା ଭାଲୁଆ ଖୁବ୍ ହସି ହସି ଗଲା ଗଡ଼ି ।

କହିଲା ହେ ମିତ ! ଝଅଟ ଭୂଲ
ରାତି ହେଲେ ହେବ ଶୀତଟା କାଳ
ଖରା ଥାଉ ଥାଉ ଆସିବା ଆମେ
ଲାଗିଯିବା ମିଶି ଘେଷେଇ କାମେ
ଡେରି ଆଉ କର ନାହିଁ
ମଟର ଭିତରେ ଭିଡ଼ ହେବ ଭାରି ଜାଗା ପାରିବାନି ପାଇ ।

ଗାଲୁଆ ମନକୁ ପାଇଲା କଥା
ସଜବାଜ ହୋଇ ଧଇଲେ ଛତା
ମଟର ପାଖରେ ହୋଇଲେ ଯାଇ
ବାପ୍‌ରେ କି ଭିଡ଼ ! ବସିବା ପାଇଁ
"ଉଠ, ଉଠ" ଦେଲେ ଡାକ
ଶୁଣୁ ଶୁଣୁ ତାହା କାବା ହୋଇଗଲେ ବସିଥିବା ଯେତେ ଲୋକ ।

ମଟର ଗଦିରେ ବସିବେ ବୋଲି
ଲଗାଇଲେ ଦୁହେଁ କି ଠେଲା ଠେଲି !
କହିଲେ ଆଣିଚୁ ଟିକେଟ୍ କାଟି
ଯେମିତି ହେଉ ବି ବସିବୁ ଏଠି
ଦେଖି ଦୁହିଙ୍କର ଟାଣ
ଯେତେକ ମଣିଷ ହସି ଗଡ଼ୁଥିଲେ ରାଗି ହେଲେ ନିଅାଁ ବାଣ ।

Digitized by srujanika@gmail.com



ମିଳ ମିଶି ଦେଲେ ପାହାର କଷି
ମାଡ଼ ଖାଇ ଦୁହେଁ ପଡ଼ଲେ ଖସି
ଭାଲୁଆ କହିଲ ଗାଲୁଆ କାନେ
ଯାତ ଦେଖି ଆସି ପାଇଲେ ପାନେ
ଝୋଟା ହେବା ହେଲ ସାର
ଝନୋଟି ଗୋଡ଼ରେ ଝୋଟେଇ ଝୋଟେଇ ଏଥର ଫେରିବା ଘର ।

Digitized by srujanika@gmail.com

ନଈ ବଢ଼ି

ବିଜୁଳି ହସେ ମେଘ ବରଷେ ମାରଇ ଘଡ଼ ଘଡ଼
ଗୋଳିଆ ପାଣି ସାଥିରେ ଆଣି ଆସିଛି ନଈ ବଢ଼ି ।

ଆକାଶ ଛୁଆଁ ପାହାଡ଼ପରୁ ମାରୁଛି କୁଦା ସିଏ
ଖାତର ନାହିଁ କାହାକୁ ତା'ର ରୋକିବ ତାକୁ କିଏ ?

ହୁଡ଼ ହୁଡ଼ ତା ଗରଜନରେ ପଡ଼ୁଛି କାନ ଫାଟି
ସୁଅର ତୋଡ଼େ ଆଣିଛି ଗଡ଼ ପଥର, ବାଲି, ମାଟି ।

Digitized by srujanika@gmail.com

ପୁଳାକୁ ପୁଳା ଫେଣର ମେଳା ଦେହଟା ସାଗ ତା'ର
ଘସି ଯାଉଚି ହଳ ଦୋହଳ କେଜାଣି କେତେ ଦୂର ।

କେତେ ଯେ ଜୀବ, ଗଛ ପତର କେତେ ଯେ ଗୋରୁ ଗାଈ
ସାଥିରେ ନେଇ ଯାଉଚି ବନ୍ଧୁ ସ୍ୱଭାବ ତା'ର ନାହିଁ ।

ଟଳ ମଟଳ ହୋଇଲେ ଯାଣ୍ଡ ସବୁରି ମନେ ଡ଼ର
‘‘ଭାଙ୍ଗିବ ଯେବେ ବୁଡ଼ାଇ ଦେବ କାହିଁରେ କେତେ ଘର ।

ସଢ଼ାଇ ଦେବ ବିଲର ସବୁ ଫସଲ, ଧାନ ଚଳ
ଏ ଦୁନିଆରେ ଏଡ଼େ ଅବୁଝା ନୁହେଁ କେ ତାହା ଭଳ ।

ଆସିଚି ବଢ଼ି ଯିବ ସେ ଗୁଡ଼ୁଁ ପକାଇ ପଟୁ ମାଟି
କେତେ ଯେ ଫଳ ଫଳିବ ତହିଁ ବହନ ଦେଲେ ଗୁଠି ।

ଫଳିବ ମୁଗ, କୋଳଥ, ବିରି, ବାଦାମ, ରାଶି, ଚଣା
ଅଭାବ ଦାଉ କାହାକୁ ଆଉ ପଡ଼ିବ ନାହିଁ ଜଣା ।

ଆସି ସେ ଯାଉ ଏତିକି ହେଉ ନଭାଙ୍ଗୁ ବନ୍ଧ, ଯାଣ୍ଡ
ନବୁଡ଼ୁ ଗାଆଁ, ସହର, ବିଲ ଏତିକି କର ସାଇଁ ।

Digitized by srujanika@gmail.com

ବିଲୁଆ ବଗୁର

କିଆ ବୁଦା ଭିତରେ ବିଲୁଆଟିଏ ଗାତକରି ରହୁଥାଏ । ରାତି ହେଲେ ଗାତରୁ ବାହାରି ବିଲ, ବଣରେ ବୁଲି କଙ୍କଡ଼ା, ମାଛ, କୋଚିଆ ମାଂସ ପ୍ରଭୃତି ଖାଏ — ଦିନସାରା ଶୋଇ ରହେ ।

ଦିନୁଦିନେ ଶୁଣେ ରାତି ପାହିବା ବେଳକୁ ଗାଆଁ ଭିତରୁ ଡାକ ଶୁଭୁଚି । ହେଲେ କ'ଣ ହେବ ? କୁକୁଡ଼ାମାନେ ତ ବାହାରକୁ ବାହାରିବା ବେଳକୁ ଖବର ପଡ଼ିଯାଉଥାଏ । ଲୋକମାନେ ଉଠିପଡ଼ିଥାଆନ୍ତି । ନହେଲେ ସେ ନିଶ୍ଚୟ ସେଥିରୁ ଗୋଟାଏ ଝାମ୍ପି ଆଣନ୍ତା ।

Digitized by srujanika@gmail.com

ଆଃ, କୁକୁଡ଼ା ମାଂସ କୁଆଡ଼େ ଖିର କଅଁଳ, ଆଉ ସୁଆଦିଆ । ହେଲେ କେମିତି ସେ ତାହାକୁ ପାଇବ !

ଏମିତି ଭାବୁ ଭାବୁ ଠିକ୍ କଲା "ଗାଆଁରେ ତ ଲୋକମାନେ କୁକୁଡ଼ା ପାଳିଛନ୍ତି । ରାତିରେ ଗାଁକୁ ଯାଇ ଏକାଥରେ ଦଶଇଟା କୁକୁଡ଼ା ଆଣି ଆରାମ୍‌ରେ ମାଂସତକ ଖାଇବି । ସାଇ ଭାଇରେ ବାଣ୍ଟିବି ।"

ସତକୁ ସତ ତା' ପରଦିନ ରାତିରେ ବିଲୁଆ କଆବଣ ଘୁଞ୍ଚି ଗାଆଁ ଆଡ଼କୁ ଆଗେଇଲା । ହେଲେ ଗାଆଁ ଭିତରେ ଚାରିଟା କି ପାଞ୍ଚଟା ବୁଲା କୁକୁର ବୁଲୁଛନ୍ତି ବୋଲି ତାକୁ ଜଣା ନାହିଁ ।

ବିଲୁଆକୁ ଦେଖି ଦେଖି ସେମାନେ ଭଉଁ ଭଉଁ ହୋଇ ଗୋଡ଼େଇ ଆସିଲେ । ଧରି ପକାଇଲେ । ବିଲୁଆ ବିଚରା ଜୀବନ ବିକଳରେ ନିଜ ଘର ବାଟ ଛାଡ଼ି ଅବାଟରେ ପଡ଼ି ଉଠି ବିକଳରେ ଧାଇଁଲା ।

ଶେଷକୁ ଯାଇ ଗୋଟାଏ ବଣରେ ପହଞ୍ଚିଲା । ସେଇଟା ପୁରାପୁରି ନୂଆ ଜାଗା । କେଉଁ ଦିଗ ଜଣା ନାହିଁ । ଏଣେ ଭୋକରେ ପେଟ ଜଳୁଛି । ଚାନ୍ଦଆଁରେ ଗୁଡ଼ି ଥରୁଛି । ଏତିକିବେଳେ ଗୋଟିଏ ହରିଣ ସେ ବାଟରେ ଯାଉଥିଲା । ବିଲୁଆ ତାକୁ ଦେଖି ଦେଖି ନମସ୍କାରଟିଏ ପକେଇ କହିଲା, ଭାଇ ! କଣ କହିବି ? ଘର ପୋଡ଼ିରେ ମୋ ପିଲା ଛୁଆ ସମସ୍ତେ ସେ ପୁରକୁ ଚାଲିଗଲେ । ମୁଁ ଏକୁଟିଆ ରହିଗଲି । ମତେ ଟିକିଏ ଏଇ ବଣରେ ଆଶ୍ରା ଦିଅନ୍ତ ନାହିଁ ? ମୁଁ କ'ଣ ବାଘ ହେଇଛି ନାଁ, ସିଂହ ହେଇଛି ଯେ ତମର କି ତମ ବଣର କିଛି କ୍ଷତି କରିବି ?

ହରିଣ ତ ଭାରି ସରଳ ଜୀବଟିଏ । ଭାବିଲା ପ୍ରକୃତରେ ବିପଦରେ ପଡ଼ିଥିବା ଜୀବକୁ ଆଶ୍ରାଦେଲେ ବହୁତ ପୁଣ୍ୟ ହୁଏ । ସେଥିପାଇଁ ବଡ଼ ବଡ଼ ଲୋକେ କହିଛନ୍ତି—

Digitized by srujanika@gmail.com

"ଜୀବଙ୍କୁ ଦୟାକରେ ଯେହୁ
ପୁଣ୍ୟାତ୍ମ ବୋଲି ଜାଣ ସେହୁ ।"
ନଭୋଗେ କେବେ ଦୁଃଖ କ୍ଳେଶ
ଶେଷେ ଲଭଇ ସ୍ୱର୍ଗ ବାସ ।

ତା' ପରେ କହିଲା ଅଚ୍ଛା ହରିଣ ତୁମେ ଆମ ଘରେ କିଛି ଖିଆ-ପିଆ କର ଆଗେ ସୁସ୍ଥ ହୁଅ । ତା'ପରେ ତୁମ ପାଇଁ ବ୍ୟବସ୍ଥା କରିଦେବା ।

"ଅତିଥି ନାରାୟଣ" । ତା'ର ସେବା କରିବା ଉଚିତ ଭାବି ଘରୁ ପାଟିରୁ ଦିଖଣ୍ଡ ମାଂସ ଆଣି ତାକୁ ଖାଇବାକୁ ଦେଲା । ବିଲୁଆ ଖାଇ ପିଇ ଆରାମ୍‌ରେ ହରିଣ ଘରର ଶୁଖିଲା ଘାସ, ପତ୍ରର ନରମ ଶେଯରେ ନିଘୋଡ଼ ନିଦରେ ଶୋଇଗଲା ।

ନିଦ ଭାଙ୍ଗିଲା ବେଳକୁ ହରିଣ ଉଠି ଚାଲି ଗଲାଣି । ବିଲୁଆ ଉଠି ଚାରିଆଡ଼କୁ ଅନେଇଲା । ଦେଖିଲା ଘର ପରିଷ୍କାର ଜାଗାଟିଏ । ପାଖରେ ଝରଣାଟିଏ କୁଳୁ କୁଳୁ ଗୀତ ଗାଇ ଝରି ଯାଉଛି । ନାନା ଜାତି ଗଛ, ଲତା, ଫୁଲ, ଫଳରେ ଜାଗାଟି ହସିଉଠୁଛି । ସୁଲୁ ସୁଲୁ ପବନ ଦେଉଛି ।

ବିଲୁଆ ଭାବିଲା ଏ ସୁବିଧା ଆଉ ଛାଡ଼ି ଯିବ କାହିଁକି ? କୌଣସି ପ୍ରକାରେ ହରିଣକୁ ମାରିଦେଲେ ଖୁସିରେ ତା ଘରେ ରହିଯିବ ।

ତା'ପରେ ଏକୁଟିଆ ବସି ବସି ମନରେ ଉପାୟ ଚିନ୍ତା କରିବାରେ ଲାଗିଲା ।

ଏତିକିବେଳେ ହରିଣ କିଛି ମାଂସ ଆଣି ଆସି ପହଞ୍ଚିଲା । କହିଲା "ବନ୍ଧୁ ଏତକ ଜଳଖିଆ କର । ତା'ପରେ ତୁମକୁ ସାଥିରେ ନେଇ ଏ ବଣରେ ରହୁଥିବା ତୁମ ଜାତିର ଅନ୍ୟମାନଙ୍କ ସହ ଚିହ୍ନା

Digitized by srujanika@gmail.com

ଜଣା କରେଇ ଦେଇ ତାଙ୍କ ସହିତ ଏକାଠି ରହିବାର ବ୍ୟବସ୍ଥା କରିଦେବି ।"

ହେଲେ ବିଲୁଆକୁ ତ ହରିଣ ମାରିବା ନିଶା ଧରିଛି । ସେ କହିଲା—"ନାହିଁ ଭାଇ, ଖିଆ ପିଆ ସାରି ଚାଲ ଆଗେ ତୁମ ବଣଆଡ଼େ ବୁଲାଚଲା କରି ଫେରିବା । ତା ପରେ ଆଉ ଯାହା କାମ । ତମ ବଣଟା ମତେ ଭାରି ଭଲ ଲାଗିଛି ।"

ହରିଣ ଆଉ ନାହିଁ କଲା ନାହିଁ । ସାଥିରେ ନେଇ ବୁଲି ବାହାରିଲା । ଦୁହେଁ ଯାଉ ଯାଉ ଗୋଟିଏ ଗୁହାଟିଆ ଜାଗାରେ ପହଞ୍ଚିଲେ । ବିଲୁଆ କହିଲା, "ଏଇଠି ଟିକେ ବିଶ୍ରାମ ନେବା । ମୋ ଗୋଡ଼ ଘୋଳ ଘୋଇ ପଡ଼ିଲାଣି ।"

Digitized by srujanika@gmail.com

ହରିଣ କହିଲା "ହଉ"—ତା'ପରେ ସେ ଗଛ ଗୁଡ଼ିରେ ଟିକେ ଗଡ଼ି ପଡ଼ିଲା । ବିଲୁଆ ଭାବିଲା ଯା' ହେଉ ଏଇଟା ଠିକ୍ ବେଳ । ଏତିକି ବେଳେ ହରିଣକୁ କାମୁଡ଼ି ଖାଇଲା କରି ପକେଇଲେ ସେ ଏଇଠି ପଡ଼ି ମରିବ । ମୁଁ ତା ମାଂସ ଖାଇ ଖୁସିରେ ତା ଘରେ ରହିବି ।"

ତା ପରେ ସେ ଯେମିତି ଆଁ କରି ହରିଣକୁ କାମୁଡ଼ିବାକୁ ଯାଇଛି, ହରିଣ ମାଇଲା ଡିଆଁ ଯେ ଯାଇ ଗୁମ୍ଫା ଭିତରେ ହାଜର । ବିଲୁଆ ମଧ୍ୟ ତା'କୁ ଧରିବାକୁ ଦଉଡ଼ି ଦଉଡ଼ି ଗୁମ୍ଫା ଭିତରେ ପଶିଗଲା ।

ତା'କୁ ଜଣାନାହିଁ ଯେ ଗୁମ୍ଫାଟା ବାଘର । ଆଜି ହରିଣ ହେଉଛି ବାଘର ଚିହ୍ନା ଜଣା—ଅତି ଆପଣାର ଭଳି ।

ହରିଣରେ ବିପଦ ଦେଖି ଆଜି ତା ପଛେ ପଛେ ବିଲୁଆକୁ ଦେଖି ବାଘର ଆଉ ବୁଝିବାକୁ କିଛି ବାକି ରହିଲା ନାହିଁ । ସାଙ୍ଗେ ସାଙ୍ଗେ ଚଢ଼ିଲା ଲୁହା ଭଳି ତାଡ଼ି ଉଠିଲା । ବିଲୁଆର ତଣ୍ଟି କଣା କରି ରକ୍ତ ପିଇଗଲା ।

ଆଉ ହରିଣକୁ ବୁଝେଇଲା "ବୁଝିଲୁ ସ୍ୱଭାବ ଚରିତ୍ର ନଜାଣି ଆଉ ଦିନେ କାହାକୁ ବନ୍ଧୁ ଭାବି ଘରକୁ ଡାକିବୁ ନାହିଁ କି ଏ ବଣକୁ ଆସିବାର ସୁବିଧା ଦେବୁ ନାହିଁ । ଏମିତି କଲେ ଶେଷକୁ ଏଇଭଳି ବିପଦରେ ପଡ଼ିବୁ ଆଉ ଅନ୍ୟମାନେ ମଧ୍ୟ ବିପଦରେ ପଡ଼ିବେ ।

●

Digitized by srujanika@gmail.com

ସେ ଏକା ମହତ

ଜନମ ଦିନରୁ କେତେ ଖରା, ଶୀତ
କୁହୁଡ଼ି କାକର ସହି
ସାନଠାରୁ ବଡ଼ ହୁଏ ଟିକି ଗଛ
ପଡ଼େ ନାଁ ଟିକିଏ ନଇଁ ।

Digitized by srujanika@gmail.com

କେବଳ ସଭିଙ୍କି କରେ ଏକା ସିଏ
ଫୁଲ, ଫଳ, ଛାଇ ଦାନ
ବଦଳରେ ତା'ର ଗୃହେଁନି କାହାକୁ
ଏତେ ଟିକେ ପ୍ରତିଦାନ ।

ପାହାଡ଼ ପଥରେ କଟି ହୋଇ ହୋଇ
ଯେ ନଈଟି ଯାଏ ବହି
କେତେ ଦୂର ବୁଲି ଜଳ ଦାନ କରେ
କେହି ପାରିବନି କହି ।

କୁଳୁ କୁଳୁ ସୁରେ ଗୀତ ଗାଇ ଗାଇ
କରେ ସେ ସବୁରି ସେବା
ଜାଣିଛକି କେହି ସେଥିପାଇଁ ସିଏ
କାହାଠାରୁ କିଛି ନେବା ?

କେତେ ଧନ, ରତ୍ନ ଫସଲ ଆମକୁ
ଦେଉଛି ଏ ମାଟି ମାଆ
ଜନମ ଦିନରୁ ମରଣରେ ଯାଏ
ହେଉଛି ଆମର ସାହା ।

ତାହାରି କୋଳରେ ନାଚି, କୁଦି, ଖେଳି
କଟାଉଛୁ ଆମେ ଦିନ
କେବେ ଗୃହୁଁନାହିଁ ଆମଠାରୁ ସିଏ
ତା ଦାନର ପ୍ରତିଦାନ ।

× × × ×

ଦାନଠାରୁ ବଳି ବଡ଼ କାମ ଆଉ କିଛି ନାହିଁ ଦୁନିଆରେ
ସେ ଏକା ମହତ ଦିନ ଯେ ବିତାଏ ଦାନ, ଦୟା, ଉପକାରେ ।

●

Digitized by srujanika@gmail.com

କାମର ଦାମ୍

କୁନା କହେ "କୁନ ଆସିଲୁ ଆଗ
ପଢ଼ଅଛୁ ଆଜ ବଢ଼ିଆ ବାଗ ।
ମାଆ ତ ଗଲେଣି ନଈକ ଗୁଳ
ଆମେ କଆଁ ଆଉ ବସିବା ଖାଲ ?
'ଶିକା'ରେ ଝୁଲୁଛ ହାଣ୍ଡିଏ ଖଜା
ଆଣିକରି ଗୁଲ୍ ମାରିବା ମଜା ।



"ହାତ ପାଇବନି" କହିଲ କୁନ
ଏହା ଶୁଣି କୁନା କରନ୍ତି ଚୁମା

Digitized by srujanika@gmail.com

କହିଲା "ଚଢ଼େଇ ଆଣିବୁ ଯାଆ
ଖଜା ଅଣିବ ମୁଁ ପକାଇ ଡାହା ।"
ଅଧା ଭଙ୍ଗା ଗୋଡ଼ ନପାର ଜାଣି
କୁନ ରଖିଦେଲା ଚଢ଼େଇ ଆଣି ।

ଚର ଚର ହୋଇ ଚଢ଼ିଲା କୁନା
ପଡ଼ିଗଲା ସିନା ଭୁସ୍ କନା ।
ମୁଣ୍ଡ ଫାଟିଗଲା ଶୀଳରେ ବାଜ
କୁମାକୁ କହିଲା "ତୁ ଏଡ଼େ ପାଜ" ।
"ମୋ'ର କଦୋଷ ଏଥିରେ ହେଲା ?
ତୋ' ବୁଦ୍ଧି ତ ତୋତେ କଚଡ଼ା ଦେଲା ।"

କହି କୁନ ତା'କୁ ଦେଲା ଆଉଁସି
ଆଉଁସାରେ କ'ଣ ବଥା ଯାଉଛି ?
ନଣ୍ଡ ଭୁଠ୍ ଫେର କହିଲେ ମାଆ
"ଖଜାଖିଆ ମଜା ଏଥର ପାଆ" ।
ବୁଦ୍ଧି ନ ବଗୁର କରଲେ କାମ
ଏଇଭଳି ମିଳେ କାମର ଦାମ୍ ।

Digitized by srujanika@gmail.com

ଗଲାଦିନ ଆଉ ଫେରିବ କାହିଁ ?



ଗାଆଁଟିଏ !
ଗାଆଁଟି ଭିତରେ ପିଲାଟିଏ ।
ସବୁ କାମେ ଭାରି ଢିଲା ସିଏ ।

ପାଠକୁ ତାହାର ବହୁତ ଡର
ଖାତା ବହି ଦେଖି ଆସଇ ଜର ।

Digitized by srujanika@gmail.com

ଚମକେ ଶୁଣିଲେ ଇସ୍କୁଲ ନାଆଁ
ଡିଆଁ ମାରୁଥାଏ ଗୋଟାକ ଗାଆଁ ।

କାହା ଉପଦେଶ ନପଶେ କାନେ
ଗୁଡ଼ଉଡ଼ା, ବୁଲ ବେଶ୍ ଜାଣେ ।

ଯେତେ ବୁଝାଇଲେ ବାପା, ମା', ଭାଇ
ଟିକଏ ହେଲେ ସେ ବୁଝିଲ ନାହିଁ ।

ଏମିତି ଏମିତି କଟିଲ ବେଳ
ଛୁଡ଼ିଲ ନାହିଁ ସେ ବୁଲ କ ଖେଳ ।

ଦେଶ ବିଦେଶରେ ପଢ଼ିବା ପାଇଁ
ସାଥି ତା'ର ସବୁ ଗଲେ କେ କାହିଁ ।

ସେଇଠି ରହି ସେ ଜାଣିଲ ପିଲେ
ଖସ ବରଷାରେ ଖଟିଲ ବଳେ ।

ତଥାପି ଅଜଣା ପଣିଆ ପାଇଁ
ଭଲ ଫସଲ ସେ ପାଇଲ ନାହିଁ ।

ପଢ଼ି ନାହିଁ ଯେଣୁ 'ଗୃଷ'ର ପାଠ
କେମିତି ଭଲ ସେ ପାଇବ ବାଟ ।

ଏକେ ଅଳସୁଆ ଗଜ ମୂରୁଖ
ସପନ ତାହାକୁ ଦୋଇଲ ସୁଖ ।

ଭାବ ଭାବ ଦିନ ସରିଲ ନାହିଁ
ଗଲାଦିନ ଆଉ ଫେରିବ କାହିଁ ?

Digitized by srujanika@gmail.com

ମନର ବଳ

ପନ୍ଦର ଦିନ ଡାକ୍ତରଖାନାରେ ରହି ଘରକୁ ଫେରିବା ପରେ ମଧ୍ୟ ଟୁନୁର ଆଖିରୁ ଲୁହ ଶୁଖୁ ନ ଥିଲା । ତା ଲାଗି ଘରେ ସମସ୍ତେ ବ୍ୟସ୍ତ ।

ବାପା ଦିନେ ସମସ୍ତଙ୍କୁ ବୁଝେଇ ଦେଲେ "ଯାହା ହେବାର ଥିଲା ହେଲା । ସିଏ ଯେତେ କାନ୍ଦିଲେ, ବ୍ୟସ୍ତ ହେଲେ ତା'ର କଟାହାତ ଆଉ ଯୋଡ଼ି ହେବ ନାହିଁ । ବରଂ ତା'ର ମନ ବେଶି ବେଶି ଦୁର୍ବଳ ହୋଇଯିବ । ଏ ବିଜ୍ଞାନ ଯୁଗରେ ଅସାଧ୍ୟ ହୋଇ ଆଉ କିଛି ନାହିଁ । ଡାକ୍ତରଖାନାରେ ତିଆରି ହାତ ମିଳିଯାଉଛି । ତାହା ଲଗାଇଲେ ହାତ ନାହିଁ ବୋଲି କେବେହେଲେ ଜଣାପଡ଼ିବ ନାହିଁ । ହେଲେ ତୁମେ-

Digitized by srujanika@gmail.com

ମାନେ ତାକୁ ଧର୍ଯ୍ୟ ଦିଅ, ସାହସ ଦିଅ, ଦେଖିବ ସେଇ ପୁଣି କେମିତି ନୂଆ ମନ ନେଇ ହସିବ, ଖେଳିବ, ପଢ଼ିବ, କାମ ମଧ୍ୟ କରିବ ।

ଏଥର ସମସ୍ତେ ବୁଝିଗଲେ । ସବୁରି ମନରେ ନୂଆ ଆଶାର ଆଲୋକ "ଟୁନୁ କଦାପି ଅଚଳ ହେବନାହିଁ ।"

ଏଥର ଟୁନୁକୁ ସମସ୍ତେ ହସି ହସି କହନ୍ତି "ଆମର ଭାଗ୍ୟ ଭାରି ଭଲ । ଯେଉଁ ବସ୍ ଦୁର୍ଘଟଣାରେ ଅନେକ ଲୋକ ମରିଗଲେ, ତୁ ଆଉ ତୋ ମାମୁଁ ପ୍ରଭୃତି ସେଥିରୁ ବଞ୍ଚିଗଲେ । ଆଉ ଯେଉଁମାନେ ବଞ୍ଚିଗଲେ ଭଗବାନଙ୍କର ତାଙ୍କ ପ୍ରତି ଆଶୀର୍ବାଦ ରହିଚି ବୋଲି ସେମାନେ ବଞ୍ଚି-ଗଲେ । ତାଙ୍କ ଦ୍ୱାରା ନିଶ୍ଚୟ କିଛି ଭଲକାମ ହେବାର ଅଛି । ତୋର ସିନା ଗୋଟିଏ ହାତ କଟିଗଲା—ଲୋକଙ୍କର ଦୁଇହାତ ନଥାଇ ସେମାନେ ଖାଲି ଗୋଡ଼ରେ ଯେଉଁ କାମ କରୁଛନ୍ତି, ହାତଥିବା ଲୋକ ବି ସେ କାମ କରିପାରିବ ନାହିଁ । ତୁ ପରି ଏ ବର୍ଷ ବାଲିଯାତ୍ରାରେ ଦେଖୁଥିଲୁ ସେ ଲୋକକୁ—ମେସିନ୍ ଚଳେଇବା ଠାରୁ ଭାତ ରାନ୍ଧିବା ପର୍ଯ୍ୟନ୍ତ ସେ କେମିତି କରି ପାରୁଥିଲା ? ଲୁଗା ବି କାଚି ପାରୁଥିଲା—ଅଥଚ ତା'ର ଦୁଇଟାଯାକ ହାତ ନଥିଲା ।"

ଥରକୁ ଥର ଏଇକଥା ଶୁଣିବା ପରେ ଟୁନୁର ମନ ପରିବର୍ତ୍ତନ ହୋଇଗଲା । ସେ ଭାବିଲା ସତକଥା । ପଡ଼ିଶା ଘରର ହରିଦାଦାଙ୍କର କଳରେ ହାତକଟି ଯାଇଚି ସେ ତ ପୁଣି ବାମ ହାତରେ ଲୁଗାକାଚୁ, ମାଟିହଣା, ଘାସବାଛୁ, ଗଛଲଗା, ଛୋଟ ଛୋଟ କାଠହଣା କାମ—ଏମିତିକି ଲେଖାପଢ଼ା କାମ ବି କରୁଛନ୍ତି । ମୁଁ ତେବେ କରି ନପାରିବି କାହିଁକି ?

ଏ କଥା ଭାବିବା ପରେ ତା'କୁ ଲାଗିଲା ସେ ଯେମିତି ଗୋଟିଏ ନୂଆ ବାଟ ଦେଖିପାରିଚି । ଯେଉଁ ବାଟରେ ଗଲେ ସେ ନିଶ୍ଚୟ ସୁଖୀ ହୋଇପାରିବ ।

Digitized by srujanika@gmail.com

ତା' ପରଠାରୁ ସେ ବାମ ହାତରେ ଲେଖିବା ଅଭ୍ୟାସ କଲା । ପ୍ରଥମେ ପ୍ରଥମେ ତା'କୁ ଟିକଏ ଅଡୁଆ ଲାଗୁଥିଲା—ପରେ କ୍ରମ ଅଭ୍ୟାସରେ ପଡ଼ିଗଲା । କେମିତି ଶୀଘ୍ର ଶୀଘ୍ର ବାମ ହାତରେ ସୁନ୍ଦର ସୁନ୍ଦର ଅକ୍ଷର ଲେଖିପାରିବ ସେଥିପାଇଁ ଖେଳିବା ସମୟ ଏବଂ ଶୋଇବା ସମୟ ମଧ୍ୟ କମ୍ କରିଦେଲା ।

ସମସ୍ତେ ଦେଖିଲେ ଯେଉଁ ଝିନ୍ନୁ ରାତି ଆଠଟା ଆଗରୁ ଢୁଳେଇ ଢୁଳେଇ ଶୋଇ ପଡ଼ୁଥିଲା, ଧକାଇ ଗଡ଼େଇ ଗଡ଼େଇ ଦେଲେ ମଧ୍ୟ ଆଠଟା ଆଗରୁ ଉଠୁ ନଥିଲା ସେ ଏବେ ରାତି ଏଗାରଟା ପର୍ଯ୍ୟନ୍ତ ବାମ ହାତରେ ଲେଖୁଛି, ନିଜ ବାଳ କୁଣ୍ଡାଉଛି ଏବଂ ଅନ୍ୟାନ୍ୟ କାମ କରିବାକୁ ଚେଷ୍ଟା କରୁଛି । ଭୋର୍ ପାଞ୍ଚଟାରୁ ଉଠି ମଧ୍ୟ ତା'ର ଲେଖାଲେଖି କାମ ଚାଲିଛି । ତା'କୁ ଆଉ ବଡ଼ଭାଇ ଭଉଣୀ ଅଳସୁଆ ବୋଲି ଥଟ୍ଟା କରୁନାହାନ୍ତି କି ଜେଜେ ଗାଳି ଦେଉନାହାନ୍ତି ।

କେଇଟା ମାସ ମଧ୍ୟରେ ସେ ସୁନ୍ଦର ଭାବେ ଲେଖାଲେଖି କରି ପାରିଲାଣି । କେବଳ ଲେଖା ନୁହେଁ ଅନ୍ୟାନ୍ୟ କାମ ହସ୍ତ ତ ବଡ଼ିଆ କାମ ବି କରିବାକୁ ସେ ବାହାରି ପଡ଼ିଲାଣି ।

ପୂର୍ବଭଳି ସ୍କୁଲକୁ ଗଲାଣି—ସେଠାରେ ନିୟମିତ ଭାବେ ପଢ଼ା-ପଢ଼ି କରୁଛି ।

ବାପା ଦିନେ ତା'କୁ ଡାକି କହିଲେ "ଦେଖିଲୁ ଝିନ୍ନୁ—ତୋ'ର ମନର ବଳ ଲାଗି ତୁ ଆଜି କେମିତି ଶ୍ରେଣୀରେ ଦ୍ୱିତୀୟ ହୋଇ ପାରିଛୁ । ଚେଷ୍ଟା କଲେ ଆର ବର୍ଷକୁ ପ୍ରଥମ ହୋଇ ପାରିବୁ ଏ ଆଶା ମୋର ଅଛି ।

ଖରା ଛୁଟିରେ ଯାଇ ସେ ଡାକ୍ତରଖାନାରେ ରହିଲା । ଗୋଟିଏ କୃତ୍ରିମ ହାତ ଲଗାଇ ଫେରିଲା ।

●

Digitized by srujanika@gmail.com

ରଜ ଆସୁଛିରେ ରଜ ଆସୁଛି
ହସରେ ଖୁସିରେ ମନ ଭାସୁଛି ।
ସଜବାଜ ଦିନ ଜେଜେ ମା ବୁଢ଼ୀ
ସକାଳୁ ସକାଳୁ ଭାଜିବେ ମୁଢ଼ି ।
ପୋଡପିଠା, ବରା, ନଡ଼ିଆ ଗଇ
ମାଆ ତିଆରିବେ ରଜର ପାଇଁ ।
ଖୁଡ଼ୀଙ୍କର ଜମା ଖିରି ଖିରିସା
ପୁରି, ମାଲପୁଆ, ଲଡ଼ୁ, ଆରିଷା ।

ଖାଇବୁ ସଭିଏ କରି ମଉଜ
ସଜ କରିଦେବେ ନୂଆ ଭାଉଜ ।
ଦୋଳି ବାନ୍ଧିଦେବେ ଆମରି ଭାଇ
ସଜ ହୋଇ ଦୋଳି ଖେଳିବୁ ଯାଇ ।
ମିଳି ମିଶି ସାଥି, ସଙ୍ଗାତ, ମିତ
ଖେଳିବୁ, ବୁଲିବୁ, ଗାଇବୁ ଗୀତ ।
ବିଦେଶରେ ଥିବେ ଗାଆଁର ଯିଏ
'ରଜ'ରେ ଘରକୁ ଆସିବେ ସିଏ ।

Digitized by srujanika@gmail.com

ଲଗିଯିବ ଖାଉ ଗହଳ, ମେଳ
ହେବ ବୋହୂଚୋରି, ବାଗୁଡ଼ି ଖେଳ ।
ିଆ ପାଲା, ନାଟ, ଯାତ୍ରା ମାନ
ଦେଖି, ଦେଖି ସୁଖେ କଟିବ ଦିନ ।
କ ଧନ୍ୟ, ଗଣ୍ଡିବ ସବୁରି ଘରେ
ଖୁସି ଭରିଯିବ ଏ ପରବରେ ।
ଏ 'ରଜ' ଆମର ବଡ଼ ପରବ
ଆମ ଗଉରବ, ଆମ ଗରବ ।

Digitized by srujanika@gmail.com

"ବିନାଶ କାଳେ ବିପରୀତ ବୁଦ୍ଧି"

ଧାନ କିଆରୀଟିଏ । ତାର ହୁଡ଼ ପାଖରେ ଖୁବ୍ ଉଚ୍ଚା ଉଚ୍ଚା ଘାସ ଭର୍ତ୍ତି ବୁଦା । ଘାସ ଫୁଲ ଗୁଡ଼ିକ ଫୁଟିଲେ ଦୂରକୁ ଭାରି ସୁନ୍ଦର ଦେଖାଯାଏ । ସେଇ ବୁଦାରେ ଗାତ କରି ପଲେ ମୂଷା ରହୁ ଥାଆନ୍ତି । ଧାନ ପାଚିବା ସମୟରେ ଯେତିକି ଧାନ ଖାଆନ୍ତି, ଗୁଡ଼ାଏ କାଟି କୁଟି ନଷ୍ଟ କରି ଦିଅନ୍ତି । ସେଥିପାଇଁ ଚାଷିମାନେ ଭାରି ବ୍ୟସ୍ତ—କେମିତି ଏ ମୂଷା ଗୁଡ଼ାକ ମରିବେ ସେ ପାଇଁ ତାଙ୍କର ଭାରିଚିନ୍ତା ।

ତାଙ୍କ ଭିତରେ ଗୋଟିଏ ବୁଢ଼ା ମୂଷାଥାଏ । ସେ ମୂଷାଟିକୁ ସବୁମୂଷାଯାକ ମୁଖିଆ ବୋଲି ମାନନ୍ତି କାରଣ ସେ କେତେ ଦୁଃଖ, ସୁଖ ସହି କେତେ ଭଲ-ମନ୍ଦ ଘଟଣା ଦେଖି ଦେଖି ତା'ର ବୁଦ୍ଧିର ଶକ୍ତି ବଢ଼ି

Digitized by srujanika@gmail.com

ଯାଇଛି । ସେ ଯାହା ବୁଦ୍ଧି ବତାଏ ସମସ୍ତେ ତା କଥାରେ ଚଳି ଭଲ ଫଳ ପାଆନ୍ତି ।

ଧାନ କିଆରୀଠାରୁ ଅଳ୍ପ ଦୂରରେ ଗାଆଁ । ଚାଷୀମାନେ ବିଲ କାମ କରିବା ପାଇଁ ଦିନସାରା ବିଲରେ ରହନ୍ତି । ତାଙ୍କ ପାଇଁ ସେମାନଙ୍କ ଘରୁ ଭାତ ତିଅଣ ଆସେ—ଦିପହରେ ହିଡ଼ ଉପରେ ବସି ତାକୁଇ ଖାଇ ଟିକିଏ ବିଶ୍ରାମ ନେଇ ପୁଣି କାମରେ ଲାଗି ଯାଆନ୍ତି ।

ଭାତ ଖାଉ ଖାଉ କେତେ ଭାତ ହିଡଉପରେ ବୁଣିଯାଏ—ଶାଗ, ତର୍କାରୀ ବି ବେଳେ ବେଳେ ହାତରୁ ଗଳି ପଡ଼େ । ସେ ସବୁ ସେମିତି ପଡ଼ିରହେ ।

ଦିନେ ଗୋଟିଏ ଟୋକା ମୂଷା ଗାତରେ ବୁଲୁ ବୁଲୁ କେମିତି ତା'କୁ ଦେଖିଲା । ଏବଂ ପ୍ରଥମେ ଶୁଙ୍ଘିଲା ।

ବାଃ, ବଢ଼ିଆ ବାସୁଛି । ମଣିଷମାନେ ଯେତେବେଳେ ଖାଉଛନ୍ତି ମୁଁ ନଖାଇବି କାହିଁକି ? ମୋ ସାଇ, ପଡ଼ିଶା ନଖାଇବେ କାହିଁକି ? ଖାଲି ଧାନ, ମୁଗ ଖାଇ ଖାଇ ଚିଡ଼ା ଲାଗିଲାଣି । ଏକଥା ଭାବି ସେ ତାକୁ ଖାଇଲା । ସାଙ୍ଗ ମାନଙ୍କୁ ଡାକି ଆଣିଲା ସେମାନେ ଖାଇ ଭାରି ଖୁସି ହେଲେ । ଏଣିକି ତାଙ୍କୁ ଭାତ ଖାଇବା ନିଶା ଲାଗିଲା । ଆଗେ ଯିନା ଗାତରେ ଗା ତରୁ ବାହାରୁ ଥିଲେ । ଆଜିକାଲି ଭାତ ଲୋଭରେ ଚାଷୀ-ମାନେ ଖାଇସାରି ବିଲକୁ ଗଲେ ସେମାନେ ବାହାରକୁ ବାହାରି ପଡ଼ିଲେ ।

ବୁଢ଼ା ମୂଷା ଏକଥା ଦେଖି କହିଲା "ଆରେ ପିଲାମାନେ ଆମେ-ସବୁ ହେଲୁ ଗାତର ଜୀବ । ଦିନରେ ବାହାରକୁ ବାହାରିଲେ ଆମକୁ କାଉ, ଶାଗୁଣା, ଚିଲ, ସାପ, ବିଲେଇ ଏମାନେ ସବୁ ଖାଇଯିବେ । ତେଣୁ ତୁମେ ସବୁ ଆଉ ଦିନରେ ବାହାରକୁ ବାହାର ନାହିଁ ।

Digitized by srujanika@gmail.com

ଏକଥା ଶୁଣି ଟୋକା ମୂଷାପାକ ହୋ ହୋ ହୋଇ ହସି ହସି ଗଡ଼ଗଲେ । କହିଲେ ବୁଢ଼ିଲ ଅଜା ! ଆଉ କଣ ସେ ଯୁଗ ଅଛି ? ତମେ ଭାତ, ତରକାରି ମଜା ଜାଣି ନଥିଲ ଯେ ଖାଲି ଧାନ ମୁଗ ଖାଇ ବିଳ ଧାରି ଗାତ ଭିତରେ ଅନ୍ଧାରରେ ରହୁଥିଲ । ଆମକୁ ଏ ଧାନ, ମୁଗ ଆଉ ଭଲ ଲାଗୁନାହିଁ କି ବିଳପାରି ଅନ୍ଧାରରେ ରହିବାକୁ ଭଲ ଲାଗୁ-ନାହିଁ । ସମୟ ବଦଳିବା ସାଙ୍ଗେ ସାଙ୍ଗେ ଖାଇବା-ରହିବା ମଉଜ ମଜ-ଲିସ୍ କରିବା ମଧ୍ୟ ବଦଳି ଯାଉଚି ବୋଲି ତୁମେ କଣ ଜାଣିନ ? ସେ ପୁରୁଣା କଥା ଗୁଡ଼ାକ ଧରି ବସିଲେ ଏଣିକି ଆଉ ଚଳିବ ନାହିଁ ।

ମୁଖିଆ ମୂଷା ଆଉ ଏଭଳି କଥାରେ କଣ କହିବ ? ବାଧ୍ୟ ହୋଇ ଚୁପ୍ ରହିଲା ।

ତା' ପରଠାରୁ ମୂଷାମାନେ ନିର୍ଭୟରେ ଦିନରେ ବାହାରକୁ ବାହାରିଲେ । ମୂଳିଆ ମାନେ ଦେଖିଲେ ମୂଷାସବୁ ଦିନରେ ବାହାରି ଭାତ ଖାଇବାରେ ଲାଗି ପଡ଼ିଛନ୍ତି । ଏଣିକି ବେଶି ବେଶି କରି ଭାତ ତଳେ ପକେଇ ଦେଲେ ।

ଏଥର ବେଶ୍ ସୁବିଧା ମିଳିଲା ସେମାନଙ୍କୁ ମାରିବା ପାଇଁ । ସେମାନେ ତ ଅନେକ ଦିନରୁ ବାଟ ଖୋଜି ହେଉଥିଲେ । କେମିତି ଏ ମୂଷା ମାନେ ମରି ପଦାହେବେ । ତେବେ ଯାଇ ତାଙ୍କ ଫସଲ ରକ୍ଷା ପାଇବ । କିନ୍ତୁ ସେମାନଙ୍କର ସଂଖ୍ୟା ବଢ଼ୁଥିଲା ପଛେ କମୁ ନଥିଲା ।

ଦିନେ ମୂଳିଆ ବଜାରୁ କିଛି ଆଣି ଭାତ ସହିତ ମିଶେଇ ହିଡ଼ ଉପରେ ରଖି ଦେଇଗଲେ । ମୂଷାଙ୍କରତ ଲୋଭ ଲାଗିଛି । ଏତେ ଗୁଡ଼ାଏ ଭାତ ଦେଖି ଯେତେକ ଟୋକାମୂଷା, ପିଲାମୂଷା ଖାଇବାରେ ଲାଗି ପଡ଼ିଲେ । ତା'ପରେ ଆଉ ପିବେ କୁଆଡ଼େ ? ଆଗ ପଛ ହୋଇ ସବୁ ମରି ଶୋଇଲେ ।

Digitized by srujanika@gmail.com

ବୁଢ଼ା ମୂଷାଟି ଲୁହ ଗଡ଼େଇ କହିଲା "ବିନାଶ କାଳେ ବିପରୀତ ବୁଦ୍ଧି" ଏଇଥିକୁ କହନ୍ତି ।

●

Digitized by srujanika@gmail.com

ରମେଶ

ପିଲାଟିର ନାଁ ରମେଶ । ପିଲାଟି ଦିନରୁ ମାଆକୁ ହରାଇଛି । ବାପା ତା'ର ମୂଲ ଲାଗି ଯାହା ଆଣନ୍ତି ସେଇଥିରେ ବାପପୁଅ ଦିଜଣ ଚଳନ୍ତି । ପୁଅଟି ଗାଆଁ ସ୍କୁଲରେ ପଢ଼େ ଏବଂ ଶ୍ରେଣୀରେ ଭଲ କରେ ।

ତା ବାପା ତା'କୁ ବେଳେ ବେଳେ କୁହନ୍ତି—

—ପୁଅରେ ! ତୋର ତ ଭାଇ କି ଭଉଣୀ କେହି ନାହାନ୍ତି । ତେଣୁ ଏ ଗାଆଁର ଯେତେକ ପୁଅ ଝିଅ ଛନ୍ତି ତାଙ୍କୁ ତୋ'ର ଭାଇ ଭଉଣୀ ଭଳି ଭାବିବୁ । ତା' ହେଲେ ତତେ ସମସ୍ତେ ସ୍ନେହ, ଆଦର କରିବେ । ବିପଦ, ଆପଦରେ ମୁଁ ଥିଲେ କି ନଥିଲେ ତୋତେ ସାହାଯ୍ୟ କରିବେ । ଯେ ବାଦ, ହିଂସା କରେନାହିଁ ସମସ୍ତଙ୍କର ମଙ୍ଗଳ କାମନା କରେ ଭଗବାନ୍ ତା'ର ମଙ୍ଗଳ କରନ୍ତି ।" ରମେଶ ତାର ବାପାଙ୍କ କଥାକୁ ଅକ୍ଷରେ ଅକ୍ଷରେ ପାଳନ କରେ ।

ଥରେ ଲାଗ୍ ଲାଗ୍ ପନ୍ଦର ଦିନ ବର୍ଷା ହେଲା । ତା'ର ବାପା ଆଉ ମୂଲ ଲାଗି ଯାଇ ପାରିଲେ ନାହିଁ । ଘରେ ଯାହା ଅଳ୍ପକିଛି ପଇସା ଥିଲା ଘର ଚଳାଇବାରେ ସରିଗଲା । ଦିନେକ ଉପାସରେ ଦୁଇଦିନ ପରେ ବାପା ତା'ର ଜରରେ ପଡ଼ିଗଲେ । ରମେଶ ବିଚରା କଣ କରିବ ? ପାଖରେ ତ ଗୋଟିଏ ପଇସା ନାହିଁ । ବାପାଙ୍କୁ ଔଷଧ କିଣି ଦବ କପରି ? ପଥ୍ୟ ଆଣିବ କେଉଁଠୁ, ନିଜେ ଅବା ଖାଇବ କଣ ?

ଏଇ ସବୁ କଥା ଭାବି ଭାବି ତାକୁ ଆଉ ନିଦ ହେଉ ନଥାଏ ।

Digitized by srujanika@gmail.com

ଏତିକି ବେଳେ ତା'ର ଗୁରୁଜୀଙ୍କ କଥା ମନେ ପଡ଼ିଲା । ସେ କିଛିଦିନ ତଳେ ସ୍କୁଲ୍ ପିଅନ୍‌କୁ ଡାକି କହୁଥିଲେ ତାଙ୍କ ପାଇଁ ଗୋଟିଏ ଚାକର ପିଲା ଯୋଗାଡ଼ କରି ଆଣିବା ଲାଗି ।

ସକାଳ ହେବା ମାତ୍ରେ ସେ ଆଗେ ଉଠି ଗୁରୁଜୀଙ୍କ ପାଖକୁ ଧାଇଁଲା । ଗୁରୁଜୀ ଉଠି ନିଜର ଘରଟିକୁ ସଫା କରୁଥିଲେ । ସେ ତାଙ୍କୁ ପ୍ରଣାମ କରି ନିଜର ମନ କଥା ଜଣାଇଲା । କହିଲା ଅନ୍ୟ ପିଲାକୁ ରଖିବେ କାହିଁକି ? ମୋତେଇ ଆପଣଙ୍କର ଘରକାମ ପାଇଁ ରଖନ୍ତୁ ।

ଗୁରୁଜୀ କହିଲେ—"ଆରେ ! ତୁ' ତ ଭଲ ପଢ଼ୁଚୁ । ମୋ ଘରେ ରହିଲେ ପଢ଼ିବୁ କିପରି ? କାମ କରୁ କରୁ ତ ବେଳ ଯିବ ।"

—"ଆଗେ ଆପଣଙ୍କ ଠାରୁ କିଛି ଆଗୁଆ ପଇସା ନେଇ ବାପାଙ୍କୁ ପଥି ଔଷଧ ଦେବାପରେ ମୋ ପଢ଼ାକଥା ଭାବିବି । ମୋ ଛଡ଼ା ତାଙ୍କର ତ ଆଉ କେହି ନାହିଁ । କିଏ ତାଙ୍କ କଥା ବୁଝିବ ?"

ଗୁରୁଜୀଙ୍କର ଏଥିରେ ଅବିଶ୍ୱାସ କରିବାର କାରଣ କିଛି ନଥିଲା । ଛାତ୍ର ହିସାବରେ ସେ ରମେଶକୁ ଭଲଭାବେ ଜାଣିଥିଲେ । ତା କଥା ଶୁଣି ସେ କହିଲେ "ଅଚ୍ଛା ଚାଲ୍ ଚାଲ୍ ମୁଁ ବି ତୋ ବାପାଙ୍କୁ ଥରେ ଦେଖି ଆସିବି ।"

ରମେଶ ସହିତ ଯାଇ ସେ ଯାହା ଦେଖିଲେ ସେଥିରେ ବାପ, ପୁଅଙ୍କ ପ୍ରତି ତାଙ୍କର ଭାରି ଦୟା ହେଲା । ସେ ସାଙ୍ଗେ ସାଙ୍ଗେ କିଛି ଔଷଧ ଏବଂ ପଥି କିଣି ଦେଇ ଆସିଲେ । ରମେଶକୁ କହିଲେ "ତୁ ଆମ ଘରୁ ଖାଇକରି ଆସି ବାପାଙ୍କ କଥା ବୁଝିବୁ । ବାପା ଭଲ ହୋଇଗଲେ ମୋ ପାଖକୁ ଚାଲି ଆସିବୁ ।"

ତା' ପରଦିନ ପରେ ରମେଶର ବାପା ରମେଶକୁ ସାଥିରେ ଆଣି ଗୁରୁଜୀଙ୍କ ଜିମା କରି ଦେଇଗଲେ ।

Digitized by srujanika@gmail.com

ରମେଶ ଏଣିକ ଖୁବ୍ ସକାଳୁ ଉଠି ଗୁରୁଜୀଙ୍କ ପାଇଁ ଏବଂ ତା' ପାଇଁ ରୋଷେଇ ବସେଇ ଦିଏ । ବଛଣା ଝଡ଼ା, ଘର ସଫା, ବାସନ ମଜା, ଲୁଗାସଫା ପ୍ରଭୃତି କୌଣସି କାମକୁ ସେ ପଛାଏ ନାହିଁ । ଦଶଟା ବାଜିଲେ ଦୁହେଁ ଖାଇ ପିଇ ଘରେ ତାଲା ଦେଇ ସ୍କୁଲକୁ ଯାଆନ୍ତି ।



ସ୍କୁଲରୁ ଫେରି ସନ୍ଧ୍ୟା ସାତଟା ଭିତରେ ସେ ରୋଷେଇ କାମ ସାରି ଦେଇଥାଏ ।

ସେତେବେଳକୁ ଟିଉସନ୍ ପିଲମାନେ ଆସି ଯାଇଥାଆନ୍ତି । ରମେଶ ମଧ୍ୟ ତାଙ୍କ ସହିତ ବସିଯାଏ - ଘରକାମ କିମ୍ବା ପାଠପଢ଼ା କେଉଁଥିରେ ତା'ର ବିଶୃଙ୍ଖଳା ହୁଏ ନାହିଁ । ବରଂ ନିଜ ଘରେ ସେ ଟିଉସନ୍ ହୋଇପାରୁ ନଥିଲା । ଏଠି କିନ୍ତୁ ସେତକ ସୁବିଧା ସେ ପାଇ ପାରୁଛି - ସେ ପାଇଁ ତା ମନ ଭାରି ଖୁସି । ସେ ଭାବୁଛି ନିଶ୍ଚୟ ଏଥର ଶ୍ରେଣୀରେ ପ୍ରଥମ ହେବ । ସତକୁ ସତ ତାହାହିଁ ହେଲା ।

ବାର୍ଷିକ ପରୀକ୍ଷାରୁ ଜଣାଗଲା ସେ ପ୍ରକୃତରେ ପ୍ରଥମ ହୋଇଛି । ଗୁରୁଜୀ ତାକୁ ଉତ୍ସାହ ଦେଇଛନ୍ତି "ତୁ ଏଇଭଳି ମନ ଦେଇ ପଢ଼ିଲେ

Digitized by srujanika@gmail.com

କୌଣସି ଅସୁବିଧା ତୋ ପଢ଼ା ନଷ୍ଟ କରିପାରିବ ନାହିଁ । ଆଜି ମୁଁ ଚେଷ୍ଟା କରୁଛି ସରକାରଙ୍କର ଗରିବ ମେଧାବୀ ଛାତ୍ରଙ୍କୁ ସାହାଯ୍ୟ ଦେବା ପାଇଁ ଯେଉଁ ନିୟମ ଅଛି ସେ ସାହାଯ୍ୟ ତୋତେ ମିଳିବ ।

ରମେଶ ଆନନ୍ଦ ମନରେ ଭାବୁଛି ଯେତେ ଅସୁବିଧା ହେଉ ସେ ନିଶ୍ଚୟ ଭଲ ପଢ଼ି ବଡ଼ ହେଲେ ତା ବାପାଙ୍କୁ ସୁଖ ଶାନ୍ତିରେ ରଖିବ । ଆଜି ମଧ୍ୟ ଗୁରୁଜୀଙ୍କ ଉପକାର କେବେହେଲେ ଭୁଲିବ ନାହିଁ ।

Digitized by srujanika@gmail.com

ସାର୍ କହିଥିଲେ

ସୁରେଶ ସେଦିନ ତା'ର ସାଙ୍ଗ ପିଲା ଏବଂ ସାର୍‌ଙ୍କ ସହିତ ନଈବଢ଼ି ଦେଖି ଯାଇଥିଲା । ଶ୍ରାବଣ ମାସ । ନଈରେ ଘୁଘୁ ହୋଇ ଗୋଳ ପାଣି ମାଡ଼ି ଆସୁଚି । ସେଇ ପାଣିରେ କେତେ କାଠ, ବାଉଁଶ, ଜୀବଜନ୍ତୁ, ଘରର ଛପର ସହିତେ ଭାସି ଆସୁଚି ତାର ଠିକଣା ନାହିଁ । ନଈର ସେ ଭୟଙ୍କର ରୂପ ଦେଖିଲେ ଛାତି ଥରି ଉଠୁଚି ।

Digitized by srujanika@gmail.com

ଏତିକିବେଳେ ଦେଖାଗଲା ଗୋଟିଏ ଚାଳ ଭସି ଆସୁଚି । ତା ଉପରେ ମାଙ୍କଡ଼ଟିଏ ଅସହାୟ ଭାବେ ବସି ରହି ଚାରିଆଡ଼କୁ ଚାହୁଁଚି । ବୋଧହୁଏ ଭାବୁଚି ନଈବନ୍ଧଟା ଟିକେ ପାଖ ହୁଅନ୍ତା କି ଏକା ଡିଆଁକେ ସେ ଆସି ନଈ ବନ୍ଧରେ ହାଜର ହୋଇ ଯାଆନ୍ତା ।

ରମେଶଟା ସବୁଦିନେ ଚଗଲା । କୁକୁର, ମାଙ୍କଡ଼, ଠେକୁଆ, ବିଲୁଆ ଏସବୁଙ୍କୁ ଦେଖିଲେ ତାଙ୍କୁ ଢେଲା ମାରିବାକୁ ତା ହାତଟା ଖାଲି ବଲ ବଲ ହୁଏ । ଏ ମାଙ୍କଡ଼ଟାକୁ ଦେଖି ଦେଉ ଦେଉ ସାଙ୍ଗେ ସାଙ୍ଗେ ତା'ର ଅଭ୍ୟାସ ମନେ ପଡ଼ିଗଲା । ତଳୁ ଢେଲଟାଏ ଗୋଟେଇ ତା ଉପରକୁ ପକାଇବାକୁ ବାହାରିଲା ବେଳକୁ ସାର୍ ତା ହାତରୁ ଢେଲଟି ଛଡ଼େଇ ଫିଙ୍ଗିଦେଇ କହିଲେ—

"ଏ ତୋ'ର ବଡ଼ ଅନ୍ୟାୟ ହେଉଚି ରମେଶ । ଅସହାୟ ଅବସ୍ଥାରେ କୌଣସି ଜୀବକୁ କଷ୍ଟଦେବା ଉଚିତ ନୁହେଁ । ତୁ ଯଦି ଏଇ ମାଙ୍କଡ଼ ଅବସ୍ଥାରେ ଥାଆନ୍ତୁ ତେବେ ତୋ ମନ କଣ ହେଉଥାଆନ୍ତା ଭାବିଲୁ ଥରେ ! ବିପଦରେ ପଡ଼ିଥିବା ପ୍ରାଣୀକୁ କେହି ସିନା ସାହାଯ୍ୟ କରେ, ତୁ ଓଲଟି ତା'ର ବିପଦ ଉପରେ ବିପଦକୁ ଲଦି ଦେଉଚୁ ? ଯାହାର ଆଚାର ବ୍ୟବହାର ଏମିତି, ତା'ର ଦେହଟା ମଣିଷର ହେଲେ ମଧ୍ୟ ମନଟା 'ପଶୁ'ର ମନ । ସେବା, ସାହାଯ୍ୟ, ପରୋପକାର ଏସବୁ ଗୁଣ ଯାହାଠାରେ ଅଛି ସେଇ ଏକା ପ୍ରକୃତ ମଣିଷ ।

ତା' ପରେ ଦେଖାଗଲା ନାଉରୀଟିଏ ତା ଡଙ୍ଗାକୁ ନେଇ ସେଇ ମାଙ୍କଡ଼ ବସିଥିବା ଚାଳ ପାଖରେ ଲଗାଇଦେଲା । ସାଙ୍ଗେ ସାଙ୍ଗେ ମାଙ୍କଡ଼ଟି ଡଙ୍ଗା ଉପରକୁ ଡେଇଁ ପଡ଼ିଲା ଏବଂ ନାଉରୀଟି ତାକୁ ଆଣି ନଈ ବନ୍ଧରେ ଛାଡ଼ିଦେବା ମାତ୍ରେ ସେ ଖୁସିରେ ଡେଇଁ ଡେଇଁ ଗଛ ଉପରକୁ ଉଠିଗଲା ।

Digitized by srujanika@gmail.com

ଏବେ କେଇଦିନ ହେଲା ସୁରେଶର ମାଆଙ୍କ ମନ ଭାରି ଖରାପ । କାରଣ ସୁରେଶ ଆଗରୁ ଜଳଖିଆ ନେଇ ସ୍କୁଲକୁ ଯାଉଥିଲା । ଏବେ ଆଉ ଜଳଖିଆ ନେଉନାହିଁ—ତା'ର ଜିଦ୍ ସେ ଜଳଖିଆ ନନେଇ ପଇସା ନେବ । କିନ୍ତୁ ବଜାରରୁ ଜଳଖିଆ କିଣି ଖାଇବା ଆଦୌ ନିରାପଦ ନୁହେଁ ବୋଲି ସେ ଭଲଭାବେ ଜାଣିଛ ।

ସେଦିନ ବିଜନକୁ ପଚାରିବାରୁ ଜଣାପଡ଼ିଲା ଯେ ସୁରେଶ ବଜାରରୁ କୌଣସି ଜିନିଷ କିଣି ଖାଉନାହିଁ ।

"—ତେବେ ପଇସା ନେଇ କ'ଣ କରୁଛି ?"

ମାଆ ବାପାଙ୍କ ଆଗରେ ଏକଥା କହିଲେ ।

ବାପା କହିଲେ "ମୁଁ କେମିତି ଜାଣିବି ସେ ପଇସା ନେଇ କଣ କରୁଛି ବୋଲି ?"

ସବୁରି ମନରେ ସନ୍ଦେହ "ସୁରେଶ ପଇସା ନେଇ ଯଦି ଖାଉ ନାହିଁ, ତେବେ କଣ କରୁଛି ?" ଗୋଟିଏ ବୋଲି ପୁଅ । ତା'ର ତ କିଛି ହେଲେ ଅଭାବ ନାହିଁ !

Digitized by srujanika@gmail.com

ମାଆ ତା'କୁ ଯେତେ ପଚାରିଲେ ସେ ଖାଲି ହସେ । କୌଣସି ଉତ୍ତର ଦିଏ ନାହିଁ ।

ଗେଲ୍‌ବସର ପୁଅଟିକୁ ବାପା, ମାଆ ମଧ୍ୟ ବିଶେଷ କିଛି କୁହନ୍ତି ନାହିଁ । ତା'କୁ ନିୟମିତ ପଇସା ଦିଆଯାଉଥାଏ । ସମସ୍ତେ ଜାଣନ୍ତି ସୁରେଶ ଚଗଲା କିମ୍ବା ଅବାଧ୍ୟ ନୁହେଁ । ଠିକ୍‌ଭାବେ ନଜାଣି ଥିଲେ ମଧ୍ୟ ସଭିଁଙ୍କର ବିଶ୍ୱାସ ସୁରେଶ ନିଶ୍ଚୟ ପଇସାକୁ ଉଚିତ ବାଟେ ଖର୍ଚ୍ଚ କରିବ ।

ସେ ଦିନ ରଘୁ ମଳିକ ଘର ଘର ବୁଲି ସାହାଯ୍ୟ ମାଗୁଥାଏ । ତା'ର ଗୋଟିଏ ବୋଲି ପୁଅର ଦେହ ବେମାର । ଡାକ୍ତର ଯେଉଁ ଔଷଧ, ଇଞ୍ଜେକ୍‌ସନ୍ ଲେଖି ଦେଇଛନ୍ତି ତା'ର ଦାମ୍ ଦୁଇଶହ ଟଙ୍କା । ସେ ତ ମୂଲ ଲାଗି ତା ପରିବାରଟିକୁ ଚଳାଏ—ଏତେ ପଇସା କେଉଁଠୁ ପାଇବ ?

କିଏ ଦି'ଟଙ୍କା, ପାଞ୍ଚଟଙ୍କା, ଦୁଇଟଙ୍କା ଏମିତି ସାହାଯ୍ୟ ଦେଲେ । ସଭିଁଙ୍କର ଟଙ୍କା ଗଣିଦେଲା ବେଳକୁ ଜମାରୁ ଶହେ ଟଙ୍କା ହେଲା । ରଘୁ ମଳିକର ଆଖିରୁ ଧାର ଧାର ହୋଇ ଲୁହ ବହି ଯାଉଥାଏ ।

ସତେ କଣ ତାକୁ ଆଉ ଶହେ ଟଙ୍କା ମିଳିବ ନା ଔଷଧ ଖାଇ, ଇଞ୍ଜେକ୍‌ସନ୍ ନେଇ ତା ପୁଅ ଭଲ ହେବ ?

ସୁରେଶ ସବୁ ଦେଖୁଥିଲା । ତା ବାପା ମଧ୍ୟ ଦଶଟି ଟଙ୍କା ଦେଇଥିଲେ । ସେ ଘରକୁ ଦଉଡ଼ିଯାଇ ତା ସଞ୍ଚୟ ବାକ୍‌ସଟିକୁ ଆଣି ବାପାଙ୍କ ହାତକୁ ବଢ଼ାଇ ଦେଇ କହିଲା—"ବାପା ! ମୋ ଜଳଖିଆ ପଇସାକୁ ମୁଁ ଏଥିରେ ସାଇତିଛି । ଆପଣ ଏଥିରୁ ଶହେ ଟଙ୍କା ରଘୁ ମଳିକକୁ ଦେଇ ଦିଅନ୍ତୁ । ତା ପୁଅ ଔଷଧ ଖାଇ ଭଲ ହୋଇଯାଉ ।

Digitized by srujanika@gmail.com

ସାର୍ କହୁଥିଲେ—ଯେ ବିପଦରେ ପଡ଼ିଥାଏ ତା'କୁ ସାହାଯ୍ୟ କରିବା ମଣିଷର କର୍ତ୍ତବ୍ୟ ।”

ତା ବାପା ଗଣି ଗଣି ଶହେଟି ଟଙ୍କା ତାକୁ ବଢ଼ାଇ ଦେଇ କହିଲେ ନେ—ତୁ ନିଜେ ସାଧୁ ମଲ୍ଲିକଙ୍କୁ ଦେ । ଭଗବାନ୍ ସବୁଦିନେ ଏଇଭଳି ସୁବୁଦ୍ଧି ତୋତେ ଦିଅନ୍ତୁ ।

Digitized by srujanika@gmail.com

କରିବି ନାହିଁ ମୁଁ ବଡ଼ାଇ

ଇସ୍କୁଲ ଯବେ ଛୁଟୀ ହେବାପରେ 'କୁନା' ଫେରୁଥିଲା ଘରକୁ
ଦେଖିଲା ବେଳକୁ ଥଳିଟିଏ କା'ର ପଡ଼ିଅଛି ବାଟ କଡ଼କୁ ।
ହାତେ ଧରି ତାହା ଫିଟାଇ ଦେଇ ସେ ଜାଣିଲା ରହିଛି ଭିତରେ—
ପଇସା ଗୁଡ଼ାଏ "ହେଇ ଦେଖ" କହି ଡାକିଲା ସଙ୍ଗାତ ମିତ ରେ ।

ସଭିଏ ଦେଖିଲେ, କହିଲେ 'କୁନା'ରେ ଚାଲ୍ ଯିବା ବଡ଼-ବଜାରେ
ଲଡୁ, ରସଗୋଲା, ନିମିକି, ସିଙ୍ଗେଡ଼ା ଖାଇବା ସେଠାରେ ମଜାରେ ।

Digitized by srujanika@gmail.com

"ପର ପଇସାରେ ମଜା କରିବାକୁ ହେଉ ନାହିଁ ମୋ'ର ମନଟି
ମୋ ମାଆ କହିଚ "ଲୋଭ କରିବୁନି ଦେଖି କେବେ କାହା ଧନଟି" ।

ପିଲାଙ୍କ କଥାରେ ଚଟାପଟ୍ ଯେବେ କୁନା ଏ କଥାକୁ କହିଲା
ରାଗିଯାଇ ସବୁ କହିଲେ "ଆଜଠୁଁ ତୋ ସାଥିରେ କଟି ପଇଲା" ।
'ହଉ' କହି କୁନା ଏକା ଯାଇ ହେଲା ଥାନା ବାବୁଙ୍କର ପାଖରେ
ଖାତାଟି ଉପରୁ ଆଖିଟେକ ବାବୁ ଚାହିଁଲେ ପିଲାଟି ଡାକରେ ।

ସବୁ ଶୁଣି ହସି ପରଖିବା ପାଇଁ କହିଲେ "ଏ ଟଙ୍କା ତୁମର"
"ନାହିଁ ନାହିଁ ବାବୁ ମୋ ମନ କହୁଛି ଇଥେ ନୁହେଁ ମୋର ନଜର" ।
ତୁମ ପାଖେ ଥାଉ ଯିଏ ଖୋଜିବ ତା ହାତକୁ ଦେବଟି ବଢ଼ାଇ
ପର ପଇସାକୁ ଆପଣାର ଭାବି କରିବ ନାହିଁ ମୁଁ ବଡ଼ାଇ ।

ଯେତେ ଥିଲେ ଚାହିଁ କୁନା ଆଡ଼େ ଚାହିଁ ଖୁସି ହୋଇ ସବୁ କହିଲେ
"ଯେଉଁଠାରେ ଥାଉ ତୁଳସୀ ଗଛ ଯେ ଦ'ପତରୁ ବାସେ ପହିଲେ" ।

—*—

Digitized by srujanika@gmail.com

ବାଘର ଶୀକାର

ବାଘ ବାହାରିଲା ଶିକାର କରି
ଭୋକରେ ତା' ପେଟ ଉଠୁଛି ଜଳି ।

ଭାଲୁଆ ଗୋଟିଏ ଦେଖି
ଭାବୁଥିଲା ନେବ ଝେକି ।

ଜାଣିପାରି ଏହା ଭାଲୁଆ ନନା
କହିଲା ହେ ମାମୁଁ ! ମୋ ଅଡ଼େ ଅନା ।

ମୁଁ ରଖିଛି ଆଣି ମିରିଗ ମାଂସ
ବାସି ହୋଇଯିବ ସହଳ ଆସ ।

ଘରେ ମୁଁ ସାଇତି ଅଛି
ମଉଜେ ଖାଇବ ବସି ।

ବୋକା ବାଘ ମନେ କଲା ବିଚାର
କାଲିକି କରିବ ପଛେ ଶିକାର ।

ଯାଉଁଚି ଦରବ ଗୁଡ଼ିକ କଅଁ
ଭାଲୁଆ ଘରେ ମୁଁ ହେବି କୁଣିଆ ।

ଭାଲୁଆ କହିଲା "ଏଇ
ଘର ମୋ'ର ପଡ଼ ଡେଇଁ ।"

Digitized by srujanika@gmail.com



ଭଲ, ମନ୍ଦ କିଛୁ ଭାବିଲା ନାହିଁ
ଡେଇଁଲା ସେ ବାଘ ମାଉଁସ ପାଇଁ ।

ଘର ନୁହେଁ ସେତ ଗମ୍ଭୀର ଗାଡ଼
ପଡ଼ିଯାଇ ଚୂନା ହୋଇଲା ହାଡ଼ ।

ଉଠି ନପାରିଲା ଆଉ
"ଖାଉଥାଅ ମାମୁଁ" ହସି କହୁଥିଲା
ବିଲୁଆଟା ଯାଉ ଯାଉ ।

Digitized by srujanika@gmail.com